# Akashvani, Sambalpur

## SAMBALPURI NEWS BULLETIN

### 9 July 2024- 6.47- 6.52 am.

**********************************************

ରଥଯାତ୍ରା  ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମାହାପୁରୁମାନ୍‌କର୍ ଆଡ଼ପ ମଣ୍ଡପ ବିଜେ ନୀତି ହେବା । ସନ୍ଧ୍ୟାଆଲ୍‌ତୀ ସର୍‌ବାର୍ ଉତ୍‌ରୁ ମାହାପୁରୁଙ୍କର୍ ପହଣ୍ଡି କରାଯିବା । ଆଏବାକାଏଲ୍‌ଠାନୁ ଗୁଣ୍ଡିଚା ମନ୍ଦିର୍ ନ ଭକ୍ତମାନ୍‌କୁ ଆଡ଼ପ ଅଭଡ଼ା ମିଲ୍‌ବା ବଲି ସୂଚ୍‌ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ଗୁଣ୍ଡିଚା ମନ୍ଦିର୍ ପାଖେ ବଳଭଦ୍ରଙ୍କର୍ ତାଳଧ୍ୱଜ ରଥ, ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ଆର୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ୍ ରଥ ପୁହୁଁଚିଛେ । ରଥ ଉପ୍‌ରେ ମାହାପୁରୁମାନ୍‌କର୍ ସନ୍ଧ୍ୟାଆଲ୍‌ତୀ ସହେତେ ସବୁ ନୀତି କରାଯାଇଛେ ।

ରାଷ୍ଟ୍ରପତି- ଓଡ଼ିଶାଗସ୍ତ  ଆର୍‌ଏନ୍‌ୟୁ /ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଭୁବ୍‌ନେଶ୍ୱର୍‌ର ଜାତୀୟ ବିଜ୍ଞାନ ଶିକ୍ଷା ଆଉ ଅନୁସନ୍ଧାନ୍ ସଂସ୍ଥାନ୍- ନାଇଜର୍‌ର ସମାବର୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବେ । ଇ କାର୍ଯ୍ୟକ୍ରମ୍ ସର୍‌ବାର୍ ଉତ୍‌ରୁ ରାଷ୍ଟ୍ରପତି ନୂଆଦିଲ୍ଲୀ ଫିରିଯିବାର୍ କାର୍ଯ୍ୟସୂଚୀ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଗଲା ୬ ତାରିଖ୍ ଦିନ ୪ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ପୁରୀ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖ୍‌ବାର୍ ସହେତେ ଭିନ୍ ଭିନ୍ କାଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ ।

ରତ୍ନଭଣ୍ଡାର୍ କମିଟି ବୈଠକ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ କମିଟିର୍ ୨ ନମ୍ବର୍ ବୈଠକ୍ ଆଏଜ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ହେବା । ଇ ବୈଠକ୍‌ଥି ରତ୍ନଭଣ୍ଡାର୍‌ର ରତ୍ନ ଗଣତି-ମଣତି ନେଇକରି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ତିଆର୍ ହେଇଥିବା ଏସ୍‌ଓପି ଉପସ୍ଥାପିତ୍ ହେବା । ଆଲୋଚନା ଉତ୍‌ରୁ ଇ କମିଟି ଏସ୍‌ଓପିକେ ଅନୁମୋଦନ୍ କଲେ ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ଅନୁମୋଦନ୍ ଲାଗି ପଠାଯିବା । ସେଆଢ଼େ ରତ୍ନଭଣ୍ଡାର୍ ଗଣତି-ମଣତି କମିଟିର୍ ସଦସ୍ୟ ସଂଖ୍ୟା ୧୬ ଥିବାର୍ ବେଲେ ଏଛେନ୍ ୨୦ କେ ବଢ଼ାଯାଇଛେ ।

ନିଟ୍ ୟୁଜି - ସୁପ୍ରିମ୍‌କୋର୍ଟ                    ଆର୍‌ଏନ୍‌ୟୁ / ସମ୍ବଲପୁର

ସୁପ୍ରିମ୍‌କୋର୍ଟ ନ ଗଲାକାଏଲ୍ ନିଟ୍ ୟୁଜି ପ୍ରବେଶିକା ପରୀକ୍ଷାଥି ଅନୟମିତତା ବାବ୍‌ଦେ ଆବେଦନ୍‌ମାନ୍‌କର୍ ଶୁଣାଣି କରାଯାଇଛେ ।  ଇ ସମିଆଥି ସୁପ୍ରିମ୍‌କୋର୍ଟ କେନ୍ଦ୍ର ସର୍‌କାର୍ ଆଉ ଜାତୀୟ ପରୀକ୍ଷଣ୍ ସଂସ୍ଥା- ଏନ୍‌ଟିଏ କେ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ସୁପ୍ରିମ୍‌କୋର୍ଟ ସିବିଆଇକେ ଭିଲ୍ ତଦନ୍ତ୍ରର ଷ୍ଟାଟସ୍ ରିପୋର୍ଟ ଦାଖଲ୍ କର୍‌ବାର୍‌କେ କହିଛନ୍ । ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼୍, ଜଷ୍ଟିସ୍ ଜେ.ବି. ପର୍ଦ୍ଦିଓ୍ୱାଲା ଆର୍ ଜଷ୍ଟିସ୍ ମନୋଜ୍ ମିଶ୍ରଙ୍କୁ ନେଇକରି ଗଠିତ୍ ଖଣ୍ଡପୀଠ ଆଏବାକାଏଲ୍‌ତକ୍ ଇ ରିପୋର୍ଟ ଦାଖଲ୍ କର୍‌ବାର୍‌କେ କହିଛନ୍ । ଆଏବା ଗୁରୁବାର୍ ଦିନ ଇ ମାମ୍‌ଲାର୍ ପରବର୍ତ୍ତୀ ଶୁଣାଣି କରାଯିବା ।

ବୃତଙ୍ଗ ବୃହତ୍ ଜଳସେଚନ୍-ନୟାଗଡ଼୍        ଆର୍‌ଏନ୍‌ୟୁ / କଟକ୍

କେନ୍ଦ୍ର ସର୍‌କାର୍ ନୟାଗଡ଼୍ ଜିଲ୍ଲା ନ ବୃତଙ୍ଗ ବୃହତ୍ ଜଳସେଚନ୍ ପ୍ରକଳ୍ପକେ ଅନୁମତି ଦେଇଛନ୍ । ପ୍ରକଳ୍ପ ହେଲେ

ଦଶପଲ୍ଲା ଆର୍ ନୟାଗଡ୍‌ର ୨୩ ହଜାର୍ ହେକ୍ଟର୍ ଚାଷ୍ ଜମିକେ ଜଲ୍‌ସେଚନ୍ ସୁବିଧା ମିଲ୍‌ବା । ପ୍ରସ୍ତାବିତ୍ ବୃତଙ୍ଗ ଜଲ୍‌ସେଚନ୍ ପ୍ରକଳ୍ପର ଲମ୍ବା ୫ ଶହ ୫୨ ମିଟର୍ ଥିବାର୍ ବେଲେ ଇଥି ୮ ଟା ଗେଟ୍ ରହେବା । ଇଥିର୍‌ଲାଗି ମୋଟ୍ ୧ ହଜାର୍ ୬ ଶହ ୫୮ କୋଟି ୭୨ ଲାଖ୍ ଟଙ୍କା ବ୍ୟୟବରାଦ୍ କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦିଲ୍ଲୀ ଗସ୍ତ ନ ଯାଇଥିବାର୍ ବେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର୍ କେନ୍ଦ୍ର ପରିବେଶ୍ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କୁ ଭେଟିକରି ବୃତଙ୍ଗ ଜଲ୍‌ସେଚନ୍ ବାବ୍‌ଦେ ଆଲୋଚନା କରିଥିଲେ ।

## ବିଏଡ୍, ଏମ୍‌ଏଡ୍, ବିଏଚ୍‌ଏଡ୍ ପ୍ରବେଶିକା ପରୀକ୍ଷା

ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଅଧିନ୍‌ଥି ଥିବା ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ବିଏଡ୍, ଏମ୍‌ଏଡ୍ ଆର୍ ବିଏଚ୍‌ଏଡ୍ ନାଁଲେଖା ଲାଗି ପ୍ରବେଶିକା ପରୀକ୍ଷା ତାରିଖ୍ ଘୁଁଚାଯାଇଛେ । ପ୍ରବେଶିକା ପରୀକ୍ଷା ଆଏବା ୨୭ ଆଉ ୨୮ ତାରିଖ୍ ଦିନ ହେବା । ଇ ପରୀକ୍ଷା ଆଘୋନୁ ୨୪ ଆର୍ ୨୫ ତାରିଖ୍ ଦିନ ହେବାର୍‌କେ ଥିଲା ।

ପରୀକ୍ଷାର୍ ଏଡ୍‌ମିଟ୍‌କାର୍ଡ଼୍ ଇ ମାସର୍ ୨୨ ତାରିଖ୍‌ନୁ ମିଲ୍‌ବା । ଇ ବାବ୍‌ଦେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଦ୍ୟାର୍ଥୀମାନ୍‌କୁ ଜନେଇ ଦିଆଯାଇଛେ ।

ସହକାରୀ ମୃତିକା ସଂରକ୍ଷଣ ଅଧିକାରୀ ନିଯୁକ୍ତି

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ୮୧ ଝନ୍ ସହକାରୀ ମୃତିକା ସଂରକ୍ଷଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବା । ଇଥିର୍‌ଲାଗି ଓଡ଼ିଶା ଲୋକସେବା ଆୟୋଗ-ଓପିଏସ୍‌ସି ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଆଏବା ୧୬ ତାରିଖ୍‌ନୁ ଇ ପଦ୍‌ବୀ ଲାଗି ଅନ୍‌ଲାଇନ୍ ଆବେଦନ୍ ମୁଲ୍ ହେବାର୍‌କେ ଥିବାର୍ ବେଲେ ଅଗଷ୍ଟ ୧୬ ତାରିଖ୍ ଆଦେବନ୍‌ର ଶେଷ୍ ଦିନ୍ ରହିଛେ ।

ଜଙ୍ଗଲି ଜନ୍ତୁ ଅଦଲ୍‌ବଦଲ୍      ଆର୍‌ଏନ୍‌ୟୁ / ସମ୍ବଲପୁର

ସର୍‌କାର୍ ରାଜ୍ୟର୍ ଭିନ୍ ଭିନ୍ ବନ୍ୟଜନ୍ତୁଙ୍କର୍ ବଂଶବୃଦ୍ଧି ଲାଗି ଅଭୟାରଣ୍ୟ, ଚିଡ଼ିଆଖାନା ଆଉ ସଂରକ୍ଷିତ ଜଙ୍ଗଲ୍‌ଥି ଥିବା ଜନ୍ତୁମାନ୍‌କର୍ ଅଦଲ୍‌ବଦଲ୍ ପ୍ରକ୍ରିୟା ମୁଲ୍ କରିଛନ୍ । ମୋଟ୍ ୯

ଶହ ୬୫ ଟା ଜଙ୍ଗଲି ଜନ୍ତୁଙ୍କୁ ସ୍ଥାନାନ୍ତରିତ କର୍‌ବାର୍ ଯୋଜ୍‌ନା ରହିଛେ । ୫ ମାସ୍ ଭିତ୍‌ରେ ଇ ପ୍ରକ୍ରିୟା ଶେଷ୍ ହେବା ।  ଧାରିଜ୍ ସମିଆ ଭିତ୍‌ରେ ଇ ଜନ୍ତୁମାନ୍‌କୁ ସ୍ଥାନାନ୍ତରିତ୍ କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ପ୍ରଧାନ୍ ମୁଖ୍ୟ ବନ ସଂରକ୍ଷକ ସୁଶାନ୍ତ ନନ୍ଦ ରାଜ୍ୟର୍ ଭିନ୍ ଭିନ୍ ଚିଡ଼ିଆଖାନା ଆର୍ ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସାଧାରଣ କୋଚ୍- ରେଲ୍‌ବାଇ                ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ରେଲ୍‌ବାଇ ତର୍‌ଫୁ ଆଏବା ୨ ଟା ଆର୍ଥିକ୍ ବଛର୍ ଭିତ୍‌ରେ ୧୦ ହଜାର୍ ଟା ସାଧାରଣ କୋଚ୍ ତିଆର୍ କର୍‌ବାର୍‌କେ ଯୋଜ୍‌ନା କରାଯାଇଛେ । ସାଧାରଣ ରେଲ୍‌ଯାତ୍ରୀଙ୍କର୍ ସୁବିଧା ଲାଗି ଇ ପଦକ୍ଷେପ୍ ନିଆଯାଇଛେ ବଲି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ସୂଚ୍‌ନା ମିଲିଛେ ।

ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ବିକଶିତ-କେନ୍ଦ୍ରମନ୍ତ୍ରୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶେ ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଜୋର୍‌ସେ ବିକଶିତ ହେଉଛେ । ସାଧାରଣ୍ ଲୁକେ ନଗଦ୍ କାର୍‌ବାର୍‌ନୁ ଡିଜିଟାଲ୍ କାର୍‌ବାର୍‌କେ ଅଏତ୍‌କା ପସନ୍ଦ୍ କରୁଛନ୍ ବଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଲା ସୀତାରମଣ୍ କହିଛନ୍ । ସେ କହିଛନ୍ ଯେ, ଏଛେନ୍ ଦେଶେ ମାସ୍‌କ ହାରାହାରି ୪୩ ଦଶ୍‌ମିକ୍ ୩ କୋଟିନୁ ଅଏତ୍‌କା ଡିଜିଟାଲ୍ ଟ୍ରାନ୍‌ଜେକସନ୍ ହେଉଛେ । ଏଛେନ୍ ଦେଶେ ଖାଲି ଡୋମେଷ୍ଟିକ୍ ଡିମାଣ୍ଡ୍ ପୂରଣ୍ ଲାଗି ମୋବାଇଲ୍ ତିଆର୍ ନାଇଁ ହେବାର୍- ଇଟା ବିଦେଶ୍‌କେ ଭିଲ୍ ରପ୍ତାନୀ ହେଉଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ୧୪ ତାରିଖ୍ ତକ୍ କମ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ଆଏଜ୍ ଆର୍ ଆଏବା କାଏଲ୍ କେନେକେନ୍ତା ବର୍ଷା ହେବା । ହେଲେ ୧୧ ନୁ ୧୪ ତାରିଖ୍‌ତକ୍ ବଡ଼ଭାଗୀ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ପାଣିପାଗ୍ ବିଭାଗ୍‌ର ଆକଲନ୍ ଅନ୍‌ସାରେ ଆଏଜ୍ ଉତର୍ ଆର୍ ଦକ୍ଷିଣ୍ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ କମ୍ ନୁ ମଧ୍ୟମ୍ ଧରଣ୍‌ର

ବର୍ଷାର୍ ସମ୍ଭାବନା ରହିଛେ । ହେଲେ କେନ୍‌ସି ଜାଗା ନ ବଡ଼୍ ଧରଣ୍‌ର ବର୍ଷାର୍ ଅନୁମାନ୍ ନାଇଁନ ।